ଧରିତ୍ରୀ
DHARITRI

May 10-16, 2020 ₹2/-

# ଛୁଟିଦିନ

# ମା’



୩
ପ୍ରଚ୍ଛଦ ପ୍ରସଙ୍ଗ

ଯେତେବେଳେ କର୍ତ୍ତବ୍ୟର କଥା ଆସେ ମମତା ଆଉ କର୍ତ୍ତବ୍ୟର ଦୋଛକି ଭିତରେ ସେହି ମା’କୁ ନିଷ୍ପତ୍ତି ନେବାକୁ ପଡ଼େ। କୋଉଠୁ ବି ମୁହଁ ଫେରେଇ ନେବା ସମ୍ଭବ ହୁଏନି ମା’ ପାଇଁ। ସେମିତି ପରିସ୍ଥିତି ଆଜି ସୃଷ୍ଟି ହେଇଛି କେତେଜଣ ମା’ଙ୍କ ପାଇଁ...

ସିନେମା
୪



# ହାତୀକୁ ଫାଶୀ

କିଏଜଣ ଅପରାଧ ପାଇଁ ମଣିଷକୁ ଅନେକ ସମୟରେ ଫାଶୀ ଦଣ୍ଡ ଦେବାର ନ୍ୟାୟିକ ବ୍ୟବସ୍ଥାରେ ରହିଛି। ହେଲେ କେବେ କୌଣସି ପ୍ରାଣୀକୁ ଫାଶୀ ଦେବା କଥା ଜାଣି ନ ଥିବେ। ଆମେରିକାର ଟେନେସୀରେ ଏକଦା ହଜାର ହଜାର ଲୋକଙ୍କ ସମ୍ମୁଖରେ ଏକ ହାତୀକୁ ଫାଶୀ ଦିଆଯାଇଥିଲା। ଡେଲିମେଲର ଖବର ମୁତାବକ ୧୯୧୬, ଟେନେସୀରେ ଚାର୍ଲି ସ୍ପାର୍କ ନାମକ ଜଣେ ବ୍ୟକ୍ତି 'ସ୍ପାର୍କସ୍ ୱାର୍ଲ୍ଡ ଫେମସ୍ ଶୋ' ନାମରେ ସର୍କସ ଚଳାଉଥିଲେ। ଏଥିରେ ମେରୀ ନାମକ ଏକ ହାତୀ ଥିଲା ମୁଖ୍ୟ ଆକର୍ଷଣ। ଦିନେ ମେରୀର ମାହୁନ୍ତ କୌଣସି କାରଣରୁ ସର୍କସ ଛାଡ଼ିଦେଲେ। ତେଣୁ ସର୍କସ ମାଲିକ



ନୂଆ ମାହୁନ୍ତ ରଖିଲେ। ହେଲେ ସେ ମେରୀ ସମ୍ପର୍କରେ ବିଶେଷ ଜାଣି ନ ଥିବାରୁ ତାକୁ ଆୟତ୍ତରେ ରଖିବା କଷ୍ଟ ହେଉଥିଲା। ଏମିତିରେ ସର୍କସ ପ୍ରମୋଶନ ପାଇଁ ସର୍କସ ମାଲିକ ସହରରେ ପରେଡର ଆୟୋଜନ କରିଥିଲେ। ଏହି ସମୟରେ ମେରୀକୁ ଏକ ସ୍ଥାନରେ ଖାଦ୍ୟ ସାମଗ୍ରୀ ଦେଖାଗଲା। ଆଉ ସେ ସେଇଆଡ଼କୁ ମାଡ଼ି ଚାଲିଲା। ମାହୁନ୍ତ ଅଟକାଇବା ପାଇଁ ଅନେକ ଚେଷ୍ଟା କରି ଶେଷରେ ମେରୀ ପଛକୁ ଭାଲାରେ ମାରିଥିଲେ। ଏଥିରେ ମେରୀ ରାଗିଯାଇ ମାହୁନ୍ତକୁ ତଳେ ପକାଇ ଗୋଡ଼ରେ ଦଳି ମାରି ଦେଲା। ଲୋକଙ୍କ ଭିତରେ ଆତଙ୍କ ଖେଳି ଯାଇଥିଲା। ଲୋକେ ସର୍କସ ମାଲିକଙ୍କୁ ମେରୀକୁ ମୃତ୍ୟୁ ଦଣ୍ଡ ଦେବା ଲାଗି ଦାବି କଲେ। ଦାବି ଜୋର୍ ଧରିଲା। ଶେଷରେ ସର୍କସ ମାଲିକ ମେରୀକୁ ମୃତ୍ୟୁଦଣ୍ଡ ଦେବାକୁ ରାଜି ହେଲେ। ଆଉ ୧୦୦ଟନ୍ ଉଠେଇ ପାରୁଥିବା ଏକ କ୍ରେନ ମଗାଇ ୧୩ ସେପ୍ଟେମ୍ବର ୧୯୧୬ରେ ମେରୀକୁ ହଜାର ହଜାର ଲୋକଙ୍କ ସମ୍ମୁଖରେ ଫାଶୀ ଦିଆଯାଇଥିଲା।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୦-୧୬

**ମେଷ** – ପାରିବାରିକ ଶାନ୍ତି, ସ୍ଥିର ସିଦ୍ଧାନ୍ତ ନେବେ, ଯାନବାହନରେ ଦ୍ୱନ୍ଦ୍ୱ, ନିର୍ମାଣରେ ସମସ୍ୟା, ଯାତ୍ରାରୁ ସୁଫଳ। ଲକ୍ଷ୍ୟ ହାସଲ କରିବେ, ଦୁଃସାହସିକ କାମ, ବ୍ୟବସାୟରୁ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି। କ୍ଷତିରେ ପଡ଼ିବେ, ପଡ଼ୋଶୀଙ୍କ ସହାନୁଭୂତି।

**ବୃଷ** – ଦୁଶ୍ଚିନ୍ତାରୁ ରକ୍ତଚାପ, ତରବରିଆ ପଦକ୍ଷେପ, ଆଶାବାଦୀ ହେବେ, ବିପଦରୁ ରକ୍ଷା ପାଇବେ, ବନ୍ଧୁଙ୍କ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି, ବନ୍ଧୁଙ୍କ ପାଇଁ ବ୍ୟସ୍ତତା, ଅର୍ଥ ପାଇବେ, ମନୋରଞ୍ଜନରେ ରୁଚି।

**ମିଥୁନ** – ଅନୁତାପ କରିବେ, କାମରେ ଅନିଚ୍ଛା ପ୍ରକାଶ, ଅଭାବ ରହିବନି, ସହଯୋଗର ଆଶା, ସ୍ଥିରତା ଫେରିପାଇବେ, ଦୂରଯାତ୍ରାର ଚିନ୍ତା, ପ୍ରଶାସନିକ ତତ୍ପରତା, ଯାନବାହନରେ ସମସ୍ୟା, ଯାତ୍ରା ସ୍ଥଗିତ।

**କର୍କଟ** – ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସଂକଟ, ଭ୍ରାତୃ ସମ୍ପର୍କ ହ୍ରାସ, ପାରିବାରିକ ଶାନ୍ତି, ଦ୍ରବ୍ୟ ନଷ୍ଟ, କ୍ଳାନ୍ତି ଓ ଅବସାଦ। ବନ୍ଧୁଙ୍କ ଅଭିଯୋଗ, ଶିଳ୍ପର ପୁନରୁଦ୍ଧାର, ଗବେଷଣାରେ ଅଗ୍ରଗତି, ପ୍ରକାଶନରେ ଦ୍ୱନ୍ଦ୍ୱ, ମକଦ୍ଦମାରେ ସାଫଲ୍ୟ।

**ସିଂହ** – ପାରିବାରିକ ସମସ୍ୟା, ବାଣିଜ୍ୟ ମାନ୍ଦା ହେବ, ଭୋଗବିଳାସ, ସ୍ୱାସ୍ଥ୍ୟହାନି, ଆଇନ ସହାୟତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସହକର୍ମୀଙ୍କ ବିରୋଧ, ଦୁଃସାହସିକ କାର୍ଯ୍ୟ, କର୍ମକ୍ଷେତ୍ରରୁ ପ୍ରଶଂସା।

**କନ୍ୟା** – ବିବାଦରେ ପରାଜୟ, ଅଶାନ୍ତି ଲାଗିରହିବ, ବିଭିନ୍ନ ସୂତ୍ରରୁ ରୋଜଗାର, ଯାତ୍ରାରେ ସଫଳତା, ଅଭୀଷ୍ଟ ସିଦ୍ଧି, ପାରିବାରିକ ଶାନ୍ତି, ସୁସ୍ଥତା ବ୍ୟାହତ, ଚାକିରି କ୍ଷେତ୍ରରେ ପଦୋନ୍ନତି, ଯାତ୍ରାରେ ବାଧା।

**ତୁଳା** – ଚାକିରିରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ବନ୍ଧୁବର୍ଗଙ୍କ ପ୍ରଶଂସା, ଶତ୍ରୁତାରୁ ଅପଦସ୍ଥ, ଯାତ୍ରାରେ ପ୍ରତିବନ୍ଧକ, ନୀରବତାରୁ ସମାଲୋଚନା, କଚେରି ମାମଲାର ଶୁଣାଣି। ଆବଦ୍ଧଯୋଗରୁ ମୁକ୍ତ ହେବେ, ବନ୍ଧୁଦର୍ଶନ, ସରକାରୀ ସହାୟତା।

**ବିଛା** – ପରିସ୍ଥିତିକୁ ସଜାଡ଼ିବେ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଶିକ୍ଷାରେ ସଫଳତା। ସମାଲୋଚିତ ହେବେ, ପ୍ରାପ୍ୟଧନରେ ବାଧା, ପ୍ରତାରଣାଜନିତ ଯନ୍ତ୍ରଣା। ଦ୍ରବ୍ୟବାଣିଜ୍ୟରେ ବାଧା, କାର୍ଯ୍ୟସିଦ୍ଧି, ପର ପାଇଁ ହଇରାଣ।

**ଧନୁ** – ବନ୍ଧୁ ମିଳନ, ଆମୋଦ ପ୍ରମୋଦ, କନ୍ୟାଙ୍କ ପାଇଁ ସମସ୍ୟା, ଶୁଭଖବର, ପାରିବାରିକ ସଦ୍ଭାବ। ସାହିତ୍ୟଚର୍ଚ୍ଚାରୁ ଆନନ୍ଦ, ସାମୟିକ ବାଧା, ବିଚଳିତବୋଧ, ବ୍ୟବସାୟରେ ଶିଥିଳତା, ଭୁଲ କାମ କରିପାରନ୍ତି।

**ମକର** – ହାତ ଖାଲି ରହିବ, ନିର୍ଭରଶୀଳ ହେବେ, ମାନସିକ ଆଘାତ, ଆକସ୍ମିକ ଯାତ୍ରା, ବିରୋଧୀଙ୍କ ସକ୍ରିୟତା, ମିତ୍ରତାବୃଦ୍ଧି, ନୂତନ କାର୍ଯ୍ୟାରମ୍ଭ, ଯାତ୍ରା ସଫଳ ହେବ, ଆଶା ଫଳବତୀ ହେବ। ଦୈହିକ ଦୁର୍ବଳତା, ମନୋବଳ କମିପାରେ, ଯାତ୍ରା ସଫଳ।

**କୁମ୍ଭ** – ଆରୋଗ୍ୟ ଲାଭ, ପାରିବାରିକ ବ୍ୟତିକ୍ରମ, ଦେବଦର୍ଶନରେ ବାଧା, ଭ୍ରମଣ ସୁଯୋଗ, ସମସ୍ୟା ସମାଧାନ, ସ୍ୱାସ୍ଥ୍ୟରେ ଉନ୍ନତି, କର୍ମକ୍ଷେତ୍ରରେ ସଂଯମତା, କଲ୍ୟାଣମୂଳକ କାମ, ଆତ୍ମୀୟଙ୍କ ଅନାଦର, ବନ୍ଧୁଙ୍କ ପ୍ରତିଶ୍ରୁତି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି।

**ମୀନ** – ଦୂରଯାତ୍ରାର ମସୁଧା, ଲେଖାପଢ଼ାରେ ମନଯୋଗ, ଶତ୍ରୁତା ବଢ଼ିବ, ସ୍ଥଗିତକର୍ମାରମ୍ଭ, ପ୍ରତିବନ୍ଧକ ଦୂରହେବ, ବାଣିଜ୍ୟରେ ପ୍ରତିକୂଳତା, ପରିବହନରେ ବିବାଦ, ଋଣ ପରିଶୋଧ, ନିର୍ମାଣକାର୍ଯ୍ୟରେ ଅଗ୍ରଗତି।

## ବ୍ୟବସାୟର ଉନ୍ନତି ପାଇଁ



**ବାଛୁରି ମୂର୍ତ୍ତି**–ଖାଦ୍ୟ ସମ୍ବନ୍ଧୀୟ ବ୍ୟବସାୟ କରୁଥିଲେ ଦୋକାନରେ ଗାଈ ଓ ବାଛୁରି ମୂର୍ତ୍ତି ରଖିବା ଉଚିତ। ଏଭଳି କଲେ ବ୍ୟବସାୟରେ ଉନ୍ନତି ହେବ।

**ରୁପା ମୟୂର ପିଞ୍ଛ**–ସୁନା, ରୁପା ଆଦି ଗହଣାର ବ୍ୟବସାୟ କରୁଥିଲେ ନିଜ ଶୟନ କକ୍ଷରେ ରୁପା ମୟୂର ପିଞ୍ଛ ଲଗାନ୍ତୁ। ଏଭଳି କଲେ ବ୍ୟବସାୟର ଉନ୍ନତିରେ ବାଧା ଆସି ନ ଥାଏ।

**ପୂଜା ଘରେ ପିରାମିଡ଼**– ଯାନବାହନର ବ୍ୟବସାୟ କରୁଥିଲେ ଶୋ ରୁମରେ ଥିବା ପୂଜା ସ୍ଥାନରେ ଏକ ପିରାମିଡ଼ ରଖନ୍ତୁ।

**କ୍ରିଷ୍ଟାଲ ୱିଣ୍ଡ ଚାଇମ**–ବିଦ୍ୟୁତ୍ ସମ୍ବନ୍ଧୀୟ ବ୍ୟବସାୟ କରୁଥିଲେ ନିଜ ଶୟନ କକ୍ଷରେ କ୍ରିଷ୍ଟାଲ ୱିଣ୍ଡ ଚାଇମ ଝୁଲାନ୍ତୁ। ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଶୁଭ। କପଡ଼ା ବ୍ୟବସାୟ କରୁଥିଲେ ଦୋକାନର ମୁଖ୍ୟ ଦ୍ୱାରରେ ଲାଲ କପଡ଼ା ଟାଙ୍ଗନ୍ତୁ। ଏହାଦ୍ୱାରା ଉନ୍ନତି ପଥରେ ଆସୁଥିବା ବାଧା ଦୂର ହେବ।



## ପାଠକୀୟ

■ ଲେଖକ ତା'ର କଲମ ମୁନରେ ସତ୍ୟ ପ୍ରକାଶ କରି ସମାଜକୁ ସୁମାର୍ଗକୁ ଆଣିବାର ପ୍ରୟାସ କରିଥାଏ। ମାତ୍ର ବେଳେବେଳେ ସମାଜ ତା'ର ସତ୍ୟକୁ ସହଜରେ ସ୍ୱୀକାର କରିପାରେନା। ଫଳରେ ଲେଖକର କଲମ ତା'ପାଇଁ ପାଲଟିଯାଏ କାଳ। ଭିନ୍ନ ସ୍ୱାଦର ପ୍ରଚ୍ଛଦ ପ୍ରସଙ୍ଗ 'କଲମ ହେଲା କାଳ'ଟି ବେଶ୍ ସୁଖପାଠ୍ୟ ହୋଇ ପାରିଥିଲା। 'ମିଷ୍ଟର ପି' ଓ 'ଝାଳ ନୁହେଁ, ଦେହରୁ ଝରୁଛି ରକ୍ତ' ଆଦି ପାଠଗୁଡ଼ିକ ବେଶ୍ ରୋଚକ ଥିଲା।

*– ସୁକାନ୍ତି ସେନା, ଜଗନ୍ନାଥ ପ୍ରସାଦ, ଭଦ୍ରକ*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ଲେଖକ ମୁନରୁ ଝରିପଡୁଥିବା ସମାଜର ନିଚ୍ଛକ ବାସ୍ତବତା କିଭଳି ସେମାନଙ୍କ ପାଇଁ କାଳ ସାଜିଲା, ତାକୁ ପଢ଼ି ବହୁତ ଭଲ ଲାଗିଲା। ସୃଜନ ପୃଷ୍ଠାର ଗପ ଓ କବିତା ମନଛୁଆଁ ହୋଇଥିଲା।

*–ସୀମା ଗୋସ୍ୱାମୀ, କଟକ*

■ ସିନେମା ପୃଷ୍ଠାରେ 'ମିଲ୍କ ବିୟୁଟି' ତମ୍ମନା ଭାଟିଆଙ୍କ ସମ୍ପର୍କରେ ଅନେକ କିଛି ଜାଣି ହେଲା। 'ପ୍ରେମକୁ ନୁହେଁ ଆକ୍ଟିଂ' ଓ 'ଗୁରୁ ଖୋଜୁଛନ୍ତି ଦୀପିକା' ପାଠ ବି ଭଲ ଲାଗିଲା। ସମ୍ବିତଙ୍କୁ ଯେ ତାଙ୍କ ମନ ଲାଖି ଭୂମିକାରେ ଅଭିନୟର କରିବାର ସୁଯୋଗ ଆଗାମୀ ଚଳଚ୍ଚିତ୍ରରେ ମିଳିଯାଇଛି ଜାଣି ଖୁସି ଲାଗିଲା।

*–ମନୋଜ ରଥ, ଝାରସୁଗୁଡ଼ା*

■ ଚିନ୍ମୟ ଚିନ୍ତନରେ ଶ୍ରୀ ସନ୍ୟାସୀଙ୍କ ଆଲେଖ୍ୟଟି ସମୟୋପଯୋଗୀ ଓ ବାସ୍ତବଧର୍ମୀ ଥିଲା। ସବୁଠୁ କମ୍ ଓଜନର ଶିଶୁ ସମ୍ପର୍କରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। ମଡେଲ୍ ମିରରରେ ରାଜ ପୁରୋହିତଙ୍କ ଫଟୋ ବେଶ୍ ଭଲ ହୋଇଥିଲା। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇପାରୁଛି।

*–ସ୍ୱପ୍ନା ମହାନ୍ତି, ଯାଜପୁର ଟାଉନ୍*

■ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ରେମିକଙ୍କୁ ଭିକାରୀ କରିଦେବ ଏଇ ଗୋଲାପ', 'ନିଦରେ କରନ୍ତି ପେଣ୍ଟିଂ' ଏବଂ 'ସହର ପାଲଟିଲା ପଥର' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ମୋନାଲିସା ପାତ୍ର, ବାଲେଶ୍ୱର*

■ ପ୍ରଚ୍ଛଦ ପ୍ରସଙ୍ଗ, ସୃଜନ, ବ୍ୟାକପେଜ୍ ପଢ଼ିବାକୁ ମତେ ବହୁତ ଭଲ ଲାଗେ। ତାସହ ହାଃ ହାଃର ମଜାଦାର ଜୋକ୍ସ ପଢ଼ିଲେ ମୋର ଦିନତମାମ ଖୁସିରେ ବିତିଥାଏ। ସିନେମା ପୃଷ୍ଠାରୁ ବଲିଉଡ, ଓଲିଉଡ ସେଲିବ୍ରିଟିଙ୍କ ସମ୍ପର୍କରେ ଅନେକ କଥା ଜାଣିହୁଏ। ଛୁଟିଦିନ ପାଠକଙ୍କୁ ଏମିତିଭାବେ ଭିନ୍ନ ଭିନ୍ନ ସ୍ୱାଦର ଲେଖା ପରିବେଷଣ କରୁଥାଉ।

*–ମୋହନ ଚନ୍ଦ୍ର ଗୋସ୍ୱାମୀ, ନିଆଳି*

■ ମଡେଲ ମିରର୍ ପୃଷ୍ଠାରେ ସ୍ଥାନିତ ରାଜ ପୁରୋହିତଙ୍କ ଫଟୋଟି ବହୁତ ଭଲ ଲାଗିଲା। ହାଃ ହାଃ ପଢ଼ି ହସି ହସି ବେଦମ ହୋଇଗଲି। ବ୍ୟାକ୍‌ପେଜ୍‌ର ପାଠଗୁଡ଼ିକ ବେଶ୍ ମଜାଦାର ଓ କୌତୁହଳମୟ ଥିଲା।

*–ମନାଲି ମହାନ୍ତି, ଖୋର୍ଦ୍ଧା*

## ବିଶେଷ ଚିଠି



ଧରିତ୍ରୀ ନିବେଦିତ ଛୁଟିଦିନ ଶ୍ରେଷ୍ଠ
ଜ୍ଞାନ ମନୋରଞ୍ଜନର ମାଧ୍ୟମ ବଳିଷ୍ଠ
ପାଠକୀୟ ମତଠାରୁ ପ୍ରଚ୍ଛଦ ପ୍ରସଙ୍ଗ
ଭାରି ମନଛୁଆଁ ତାର ପ୍ରତିଟି ବିଭାଗ
ପଢ଼ିଣ ପାଠକ ହୁଏ ତା'ରସେ ଆମୋଦିତ
ରବିବାର ବିତେ ସୁଖେ ହର୍ଷ ଭୁହେ ଚିତ୍ତ...

*–ଡ. ଶରତ କୁମାର ଚଇଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମା'

**ଯେତେବେଳେ କର୍ତ୍ତବ୍ୟର କଥା ଆସେ ମମତା ଆଉ କର୍ତ୍ତବ୍ୟର ଦୋଛକି ଭିତରେ ସେହି ମା'କୁ ନିଷ୍ପତ୍ତି ନେବାକୁ ପଡ଼େ। କୋଉଠୁ ବି ମୁହଁ ଫେରେଇ ନେବା ସମ୍ଭବ ହୁଏନି ମା' ପାଇଁ। ସେମିତି ପରିସ୍ଥିତି ଆଜି ସୃଷ୍ଟି ହେଇଛି କେତେଜଣ ମା'ଙ୍କ ପାଇଁ...**



ମା'ପଣତର ଆଢୁଆଳ ତା' ସନ୍ତାନ ପାଇଁ ସବୁଠୁ ବଡ଼ ସୁରକ୍ଷାକବଚ। ସନ୍ତାନର ସୁରକ୍ଷା ପାଇଁ ମା' କିଛି ବି କରିପାରେ। କିନ୍ତୁ ଯେତେବେଳେ କର୍ତ୍ତବ୍ୟର କଥା ଆସେ ମମତା ଆଉ କର୍ତ୍ତବ୍ୟର ଦୋଛକି ଭିତରେ ସେହି ମା'କୁ ନିଷ୍ପତ୍ତି ନେବାକୁ ପଡ଼େ। କୋଉଠୁ ବି ମୁହଁ ଫେରେଇ ନେବା ସମ୍ଭବ ହୁଏନି ମା' ପାଇଁ। ସେମିତି ପରିସ୍ଥିତି ଆଜି ସୃଷ୍ଟି ହେଇଛି ଏମିତି କେତେଜଣ ମା'ଙ୍କ ପାଇଁ। କିଏ ଅନ୍ତଃସତ୍ତ୍ୱା, ପୁଣି କାହା କୋଳରେ ଛୋଟିଆ ଛୁଆ। ପୁଣି କୋଉ ମା'ର ସନ୍ତାନ ହରେଇବାର ଦୁଃଖ। କରୋନାର ଏହି ଭୟଙ୍କର ପରିସ୍ଥିତିରେ ମା'ର ମନ କହୁଛି ସନ୍ତାନ ପାଖରେ ରହି ତା'ର ଦେଖାଶୁଣା କରନ୍ତା। କିନ୍ତୁ କର୍ତ୍ତବ୍ୟ ବାଧା ଦେଉଛି, ଯେଉଁଥିପାଇଁ ସନ୍ତାନ ଆଉ ସମାଜ ଉଭୟର ଦାୟିତ୍ୱ ଏବେ ନିଜ ଉପରକୁ ନେଇଛନ୍ତି ଏହି ମା'ମାନେ। ଏମିତି କେତେଜଣ ଯୋଦ୍ଧା ମା'ଙ୍କ କାହାଣୀ...

**ଝିଅ ମୃତ୍ୟୁର ତିନିଦିନରେ କର୍ମକ୍ଷେତ୍ରରେ ଯୋଗଦେଲେ ହୋମଗାର୍ଡ :** ପୁରୀ ଜିଲା ପିପିଲି ପୋଲିସ ଷ୍ଟେଶନରେ ହୋମଗାର୍ଡଭାବେ କାର୍ଯ୍ୟରତ ଗୌରୀ ବେହେରା। ତାଙ୍କର ୧୩ ବର୍ଷର ଝିଅ ଏକ ବର୍ଷ ହେବ ଯକୃତ କ୍ୟାନ୍‌ସରରେ ଜୀବନମରଣ ସହ ସଂଘର୍ଷ କରୁଥିଲେ। ଏପ୍ରିଲ ୨୪ ତାରିଖ ଦିନ ତାଙ୍କ ପାଖକୁ ଫୋନ୍ ଆସିଥିଲା ଯେ, ତାଙ୍କ ଝିଅ ଗୁରୁତର। ଆଉ ସେ ତୁରନ୍ତ ନିଜ ସାଇକେଲରେ ୩ କି.ମି. ଦୂର ଘରକୁ ଯଥାସମ୍ଭବ ଶୀଘ୍ର ଯିବାକୁ ଚେଷ୍ଟା କଲେ। ଘରେ ପହଞ୍ଚିବାର ମାତ୍ର ୨୦ ମିନିଟ୍ ପରେ ଝିଅ ତାଙ୍କର ସବୁଦିନ ପାଇଁ ଆଖି ବୁଜିଦେଲା। ହୃଦୟର ଟୁକୁଡାକୁ ହରେଇ ସେ ଭାଙ୍ଗିପଡ଼ିଥିଲେ। କିନ୍ତୁ ଝିଅର ଅନ୍ତିମ ସଂସ୍କାର କରିବାର ଦୁଇଦିନ ପରେ ଯାଇ କର୍ମକ୍ଷେତ୍ରରେ ଯୋଗଦେଲେ। କାରଣ ଘରେ ତାଙ୍କର ବୃଦ୍ଧ ମାତାପିତା ଓ ମାନସିକ ବିକାରଗ୍ରସ୍ତ ଭାଇ। ସେ ହିଁ କେବଳ ରୋଜଗାରକ୍ଷମ। ତା'ଛଡା ସେ ପ୍ରତିଦିନର କାମ ହିସାବରେ ଟଙ୍କା ରୋଜଗାର କରନ୍ତି। ଦିନପିଛା ତାଙ୍କୁ ମିଳେ ୫୦୦ ଟଙ୍କା। କାମ ନାହିଁ ତ ରୋଜଗାର ନାହିଁ। ତେଣୁ ପରିବାର ଲୋକଙ୍କୁ ଗଣ୍ଡେ ଖାଇବାକୁ ଦେବାକୁ ହେଲେ ତାଙ୍କୁ ଯାଇ କାମ କରିବାକୁ ପଡ଼ିବ। ତା'ଛଡା ସାମ୍ପ୍ରତିକ ସ୍ଥିତିରେ ନିଜ କର୍ତ୍ତବ୍ୟକୁ ସେ ଗୁରୁତ୍ୱ ଦେଇ କର୍ମକ୍ଷେତ୍ରରେ ଯୋଗଦେଲେ। ତାଙ୍କର ଏଭଳି ନିଷ୍ଠାକୁ ଦେଖି ସମସ୍ତେ ପ୍ରଶଂସା କରିବା ସହ ପିପିଲି ଥାନାଧିକାରୀ ଶରତ କୁମାର ସାହୁ ୫ହଜାର ଟଙ୍କା ଓ ସମ୍ପୂର ଗ୍ରାମର ସରପଞ୍ଚ ଲକ୍ଷ୍ମଣ ମାଲିକ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି।



ଗୌରୀ ବେହେରା



ଝିଅ ସହ ଜେରୁସ ମିଞ୍ଜ

**କୋଳରେ ୨୨ ଦିନର ଶିଶୁକୁ ଧରି କାର୍ଯ୍ୟରେ ଯୋଗଦେଲେ ଆଇଏଏସ୍:** ସୃଜନ ଗୁମାଲ୍ଲା, ଜଣେ ଆଇଏଏସ୍ ଅଫିସର୍। ସେ ଆନ୍ଧ୍ରପ୍ରଦେଶର ଗ୍ରେଟର ବିଶାଖାପଟନମ୍‌ରେ ମ୍ୟୁନିସିପାଲ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ନିକଟରେ ସେ ମା' ହେବାର ସୌଭାଗ୍ୟ ପାଇଥିଲେ। ଆଉ ସରକାରୀ ନିୟମାନୁସାରେ ତାଙ୍କୁ ମିଳିଥିଲା ୬ ମାସର ମ୍ୟାଟରନିଟି ଲିଭ୍। ହେଲେ ସମ୍ପ୍ରତି କରୋନା ସଙ୍କଟବେଳେ ସେ ଘରେ ବସି କେବଳ ନିଜ ସନ୍ତାନର ଯତ୍ନ ନେବାରେ ସମୟ ବିତାଇ ପାରି ନ ଥିଲେ। ଜଣେ ପ୍ରଶାସନିକ ଅଧିକାରୀଭାବେ ତାଙ୍କର ବି କିଛି ଗୁରୁଦାୟିତ୍ୱ ରହିଛି ଭାବି ଛୁଟି ବାତିଲ କରି ମାତ୍ର ୨୨ ଦିନର ସନ୍ତାନକୁ ସାଥିରେ ଧରି ଅଫିସରେ ଯୋଗଦେଲେ। ଆଉ କୋଳରେ ଛୁଆକୁ ଧରି କାମ କଲେ। କରୋନା ଭାଇରସକୁ ନେଇ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଯେଉଁସବୁ ବିଭାଗ କାମ କରୁଛନ୍ତି ସେମାନେ ପ୍ରାୟ ୨୪ ଘଣ୍ଟା କାମ କରୁଛନ୍ତି କହିଲେ ଚଳେ। ତେଣୁ ଏହି ସମୟରେ ତାଙ୍କର କିଛି କର୍ତ୍ତବ୍ୟ ରହିଥିବା ଭାବି ଆଇଏଏସ୍ ସୃଜନା ନିଜ ଛୁଟି ବାତିଲ କରି କାର୍ଯ୍ୟରେ ଯୋଗ ଦେଇଥିବା କହିଛନ୍ତି।



ଶିଶୁ ସହ ସୃଜନ ଗୁମାଲ୍ଲା


**ଝିଅକୁ ସାଥିରେ ଅଫିସ ନେଇ ଆସିଲେ ମହିଳା କନ୍‌ଷ୍ଟେବଲ:** କରୋନା ମୁକାବିଲା ପାଇଁ ସମ୍ପ୍ରତି ଲକ୍‌ଡାଉନ୍ କଟକଣା ଜାରି କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନେଇ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ପୋଲିସ। ରାତିଦିନ ଏକ କରି ସେମାନେ ନିଜ ଦାୟିତ୍ୱ ତୁଲାଉଛନ୍ତି। ଏମିତି ବି ଦେଖିବାକୁ ମିଳୁଛି କେହି କେହି ବ୍ୟକ୍ତିଗତ ସମସ୍ତ ଅସୁବିଧାକୁ ପଛରେ ପକାଇ କରୋନା ସହ ଲଢିବା ଲାଗି ଆଗେଇ ଆସି ଉଦାହରଣ ବି ପାଲଟିଛନ୍ତି। ସତ୍ୟବାଦୀ ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ଜେରୁସ ମିଞ୍ଜ ହେଉଛନ୍ତି ତନ୍ମଧ୍ୟରୁ ଜଣେ।


ପୁରୀ ଜିଲା ସତ୍ୟବାଦୀ ଥାନାରେ କାମ କରନ୍ତି ଜେରୁସ। ତାଙ୍କ ସ୍ୱାମୀ ଆଇଆରବିରେ ହାବିଲଦାର ଭାବରେ ଦେଓଘରରେ କାମ କରୁଛନ୍ତି। ରାଉରକେଲା ନିକଟବର୍ତ୍ତୀ ଝିରପାଣିରେ ବୃଦ୍ଧା ଶାଶୁଙ୍କ ପାଖରେ ରହି ପାଠ ପଢ଼େ ଏକମାତ୍ର ଝିଅ ଆଞ୍ଜେଲ ସିନୀ ତିର୍କୀ। ହେଲେ ଦ୍ୱିତୀୟ ଶ୍ରେଣୀ ପରୀକ୍ଷା ସରିବା ପରେ ସେ ଏବେ ସତ୍ୟବାଦୀରେ ମା'ଙ୍କ ସହ ଅଛନ୍ତି । ୮ ବର୍ଷର ଝିଅକୁ କ୍ୱାର୍ଟର୍ସରେ ଏକାକୀ ଛାଡ଼ି ଅଫିସ୍ ଆସିବା ନିରାପଦ ନ ଥିଲା। ତେଣୁ ସେ ଝିଅକୁ ନିଜ ସାଙ୍ଗରେ ଥାନାକୁ ଆଣୁଛନ୍ତି। ଝିଅର ଦେଖାଶୁଣା, ପାଠପଢା ସହ ଥାନାରେ ଡ୍ୟୁଟି କରୁଛନ୍ତି। ଆଜି ପର୍ଯ୍ୟନ୍ତ ସେ ନିଜ କର୍ତ୍ତବ୍ୟରେ ଆଦୌ ହେଳା କରିନାହାନ୍ତି। ଏମିତିକି ତାଙ୍କ କର୍ତ୍ତବ୍ୟପରାୟଣତାକୁ ପ୍ରଶଂସା କରି ପୁରୀ ଏସ୍‌ପି ଟୁଇଟ୍ ବି କରିଥିଲେ। ଜେରୁସ୍ କହନ୍ତି, ସ୍ୱାମୀ ସ୍ତ୍ରୀ ଉଭୟେ କର୍ମଜୀବୀ ହୋଇଥିବା ଯୋଗୁ ଆମର ଏଇ ଛୋଟିଆ ପରିବାରର ସଦସ୍ୟ ପରସ୍ପରଠାରୁ ଦୂରେଇ ରହୁଥିଲୁ। ହେଲେ ଲକ୍‌ଡାଉନ୍ ପାଇଁ ଝିଅ ସହ ସମୟ ବିତାଇବାକୁ ସୁଯୋଗ ମିଳିଛି।

**୮ ମାସର ଗର୍ଭବତୀ ହୋଇ ଡ୍ୟୁଟି କରୁଛନ୍ତି ଏସ୍‌ଆଇ ମମତା:** ଆଉ ଜଣେ ମହିଳା ପୋଲିସଙ୍କ କର୍ତ୍ତବ୍ୟନିଷ୍ଠା ବି ଏବେ ସମସ୍ତଙ୍କ ହୃଦୟ ଜିଣିଛି। ସେ ହେଉଛନ୍ତି ଏସ୍‌ଆଇ ମମତା ମିଶ୍ର। ମମତା ୮ ମାସର ଗର୍ଭବତୀ। ଏହାସତ୍ତ୍ୱେ ସେ ଡ୍ୟୁଟି କରୁଛନ୍ତି। ସେଥିପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ତାଙ୍କର ପ୍ରଶଂସା କରିଛନ୍ତି। ମୟୂରଭଞ୍ଜ ଗସ୍ତ ବେଳେ ଡିଜିପି ଅଭୟ ଏସ୍‌ଆଇ ମମତାଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଡ୍ୟୁଟିରେ ଥିବା ବିଭିନ୍ନ ଅଧିକାରୀଙ୍କ ସହ ଲକ୍‌ଡାଉନ୍ ବିଷୟରେ ଆଲୋଚନା କରିଥିଲେ। କିନ୍ତୁ ଏସ୍‌ଆଇ ମମତା ତାଙ୍କୁ ବେଶି ପ୍ରଭାବିତ କରିଥିଲେ। ୮ ମାସର ଗର୍ଭବତୀ ସତ୍ତ୍ୱେ ସେ ଛୁଟି ନ ନେଇ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସେ ବେତନଟୀ ଥାନାରେ ଡ୍ୟୁଟି କରୁଛନ୍ତି। ଡିଜିପି ଅଭୟ ତାଙ୍କ କର୍ତ୍ତବ୍ୟପରାୟଣତାକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।



ମମତା ମିଶ୍ର





# ପୂର୍ଣ୍ଣତା

–ସଂଜୀବ କୁମାର ପଣ୍ଡା

ଯେଉଁ ଡେଣାହଳକକୁ ନେଇ ମୁଁ ଉଡୁଛି
ଆକାଶର ଛାତିଚିରି
ସେଥିରୁ ଡାହାଣପଟଟା ତମର,
ତା' ବିନା ମୁଁ ନିମ୍ନଗାମୀ ଝରଣା କାଳକାଳର ।

ପାଦ ଦୁଇଟିରୁ ବି ଗୋଟେ ତମର
ସେ ସ୍ଥିର ତ ମୁଁ ସ୍ଥିର
ପାହୁଣ୍ଡେ ଆଗକୁ ବଢ଼ିପାରେନି
ଖେଳୁଥାଏ ଚକାଚକା ଭଉଁରି ଖେଳ ।

ମୋ ଦୁଇ ଆଖିରୁ
ତମ ଭାଗର ଆଖି ବୁଜିଦେଲେ
ଦିଶେ, ଉପରେ ଗୋଟେ ଭଙ୍ଗା ଆକାଶ
ସେଥିରୁ ଓହଳିଥିବା ଫାଳେ ଉଦାସୀ ଜହ୍ନ
ଆଉ ମୋ ଚାରିପଟେ ବ୍ୟାପ୍ତ
ଅଭାବବୋଧର ଖାଁ ଖାଁ ନୀରବତା ।
ମୁଁ ଅର୍ଜିଥିବା ସୁଖ–ଦୁଃଖ, ହସ–କାନ୍ଦ, ପାପ–ପୁଣ୍ୟ
ଏ ସବୁଥିର ଅଂଶୀଦାର ତମେ
ତମ ଭାଗବିନା କାହିଁ ପୂର୍ଣ୍ଣାଙ୍ଗ !
ତମ ପରିପୂରଣରେ ହିଁ
ମୋର ସଂପୂର୍ଣ୍ଣ ନିର୍ବାଣ ।

*–ହାରାମାଲ, କଳମପୁର, କଳାହାଣ୍ଡି*

# ମା'

– ସୁଧାଂଶୁ ଶେଖର ଦ୍ୱିବେଦୀ

ସୁନ୍ଦର ହେବାକୁ ଇଚ୍ଛା ଥିଲେ
ପବନ ହୋଇଯାଅ,
ମହକିବାକୁ ଚାହୁଁଥିଲେ
ଫୁଲ ହୋଇଯାଅ,
ଈଶ୍ୱର ହେବାକୁ ମନ ଥିଲେ
ସୃଷ୍ଟି ହୋଇଯାଅ,
ପରିଚିତ ହେବାକୁ ଚାହୁଁଥିଲେ
ଦୀପ ଭଳି ଜଳୁଥାଅ,
ପ୍ରେମ କରିବାକୁ ଇଚ୍ଛା ଥିଲେ
ସ୍ୱପ୍ନ ହୋଇଯାଅ,
ଓ ମହାନ ହେବାପାଇଁ
ମା' ହୋଇଯାଅ ।

*ବିସି–୭୪,ସେକ୍ଟର–୧,*
*ସଲ୍ଟ ଲେକ,କଲିକତା*

# ଦାନ ଓ ଫେସବୁକ

–ସୁବ୍ରତ ମଲିକ

ଶ୍ୟାମବାବୁ ପି.ଏମ୍. କେୟାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ କିଛି କିଛି ଅର୍ଥ ନିଜ ମୋବାଇଲ ଫୋନରେ ଫୋନ ପେ ଆପ୍ ଦ୍ୱାରା ପଠାଇଲାପରେ ତାହାର ସ୍କ୍ରିନସଟକୁ ଫେସବୁକରେ ଅପଲୋଡ଼ କରିବା କ୍ଷଣି କମେଣ୍ଟ ବକ୍ସଟି ଅନେକ ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟରେ ଭରିଗଲା । ସେ ଘର ଅଗଣାରେ ବସି ସମସ୍ତଙ୍କ କମେଣ୍ଟର ପ୍ରତ୍ୟୁତ୍ତରରେ ଧନ୍ୟବାଦ,ସ୍ୱାଗତମ ଆଦି ଲେଖା ସହ ବିଭିନ୍ନ ପ୍ରକାର ଇମୋଜୀ ବ୍ୟବହାର କରି ନିଜକୁ କୃତାର୍ଥ ମନେକରୁଥାନ୍ତି ।

ମନେ ମନେ କିଛି ସମୟ ପାଇଁ ନିଜକୁ ଗାନ୍ଧୀ, ଗୋପବନ୍ଧୁଙ୍କ ସହ ତୁଳନା କରୁଥିବା ବେଳେ ତାଙ୍କ ପତ୍ନୀ ହାତରେ ଚା କପ ଧରି ହାଜର ହେଲେ ଓ କହିଲେ, ''ତୁମ ସହ କିଛି ଜରୁରୀ କଥା ହେବା ପାଇଁ ଘରର ମାଳୀ ଯଦୁ ବାହାରେ ଅପେକ୍ଷା କରିଛି ।''


ଏହା ଶୁଣି ଶ୍ୟାମବାବୁ ବିରକ୍ତ ଭାବ ପ୍ରକାଶ କଲେ ଓ କହିଲେ , ''ଏତେ ସକାଳୁ କ'ଣ କାମ ପଡିଲା ଯେ ! ଚା ଟିକିଏ ବି ଶାନ୍ତିରେ ପିଇବାକୁ ଦେବେ ନାହିଁ ।'' କ'ଣ ପାଇଁ ସେ ଆସିଛି ଜାଣିବା ପାଇଁ ନିଜ ପତ୍ନୀକୁ ନିର୍ଦ୍ଦେଶ ଦେଇ ଶ୍ୟାମବାବୁ ଗୋଟେ ହାତରେ ଚା କପ ଓ ଅନ୍ୟ ହାତରେ ମୋବାଇଲ ଧରି କମେଣ୍ଟ ପଢିବା ଓ ପ୍ରତ୍ୟୁତ୍ତର ଦେବାରେ ଲାଗିଗଲେ ।

କିଛି ସମୟ ବ୍ୟବଧାନ ପରେ ତାଙ୍କ ପତ୍ନୀ ଆସି କହିଲା – '' ଲାକ୍‌ଡାଉନ ଯୋଗୁ ସବୁ ଆଡେ କାମ ଧନ୍ଦା ବନ୍ଦ ଥିବାରୁ କିଛି ଆଗୁଆ ଦରମା ନେବାକୁ ଆସିଛି । ଅର୍ଥ ଅଭାବରୁ ବଜାରରୁ ସଉଦା କିଣି ଦୁଇ ଓଳି ଦୁଇ ମୁଠା ଖାଇବା ତା' ପରିବାର ପାଇଁ ଅସମ୍ଭବ ହୋଇପଡ଼ିଛି । ପଛରେ କାମ କରିକି ସେ ଶୁଝିଦେବ'' ।

''ଆରେ, ତାକୁ ଯାଇ କୁହ ଯେ ଲକ୍‌ଡାଉନ ଯୋଗୁଁ ବ୍ୟାଙ୍କ ବଜାର ସବୁ ବନ୍ଦ । ନଗଦ ଟଙ୍କା ଆସିବ କୁଆଡୁ । ସେ ନିଜେ ବି ଭଲ ଭାବରେ ଜାଣିଚି । ତଥାପି ମୂର୍ଖଙ୍କ ପରି ଇଆଡ଼େ ମାଡି ଆସିଛି । ଆମ ସରପଞ୍ଚ ବାବୁଙ୍କ ପାଖକୁ ତାକୁ ଯିବା ପାଇଁ କୁହ । ସରକାରଙ୍କ ତରଫରୁ ରିଲିଫ ଫଣ୍ଡ ନିଶ୍ଚିତ ଆସିଥିବ । ସେଠାରୁ ହୁଏତ କିଛି ସାହାଯ୍ୟ ପାଇପାରେ । ସେ ବି ସରପଞ୍ଚ ବାବୁଙ୍କ ପାର୍ଟି ଲୋକ । ସରପଞ୍ଚ ବାବୁ ମନା କରିବେ ନାହିଁ'' ।

ଏତକ କହିଦେଇ ଶ୍ୟାମବାବୁ ପୁଣି ଫେରିଗଲେ ନିଜର ଫେସବୁକ ଆକାଉଣ୍ଟକୁ, ଦେଖାଇବା ପାଇଁ ନିଜ ଦାନ ପଣ । ଦାନବୀର କର୍ଣ୍ଣ ସାଜି ନିଜର ଶହ ଶହ ଅନ୍ଧ ଧୃତରାଷ୍ଟ୍ର ସାଙ୍ଗମାନଙ୍କ ପାଖରେ ।

କେ.ବି. ଉଚ୍ଚ ବିଦ୍ୟାଳୟ
ସେରେଣ୍ଡା, ବରବିଲ, କେଉଁଝର





# ତମେ

ଶରତ କୁମାର ଦାସ

ମୁଁ ତୂଳୀଟିଏ ଧରେଇ ଦେଲି
ତମେ ସୁନ୍ଦର ଚିତ୍ରଟିଏ ଆଙ୍କିଲ,
ମୁଁ ରଙ୍ଗ ମାଖିଲି ନାଲି ନେଳି
ତମେ ଜୀବନ୍ୟାସ ଦେଲ ।

ମୁଁ ଚିତ୍ରଟିକୁ ଆଖିମେଲି ଚାହିଁଲି
ତମେ ଫିକ୍ କିନା ହସିଦେଲ
ମୁଁ ଚମକି ପଡିଲି ଅନ୍ୟମନସ୍କତାରେ ।

ମୁଁ ମୁଠାଏ ଶବ୍ଦ ଦେଲି
ତମେ ଗୀତଟିଏ ଲେଖିଲ,
ମୁଁ ଗୀତର ସ୍ୱରଟିଏ ଦେଲି
ତମେ ମୋତେ ଗାଇ ଶୁଣାଇଲ ।

ମୁଁ କିଛି ବୁଝିବା ପୂର୍ବରୁ
କିଛି କହିବା ପୂର୍ବରୁ
ତମେ ପକ୍ଷୀଟିଏ ହୋଇ ଉଡିଗଲ
କାହିଁ କେଉଁ ଅଗନାଅଗନି ବନସ୍ତକୁ,
ମୁଁ ସେମିତି ଚାହିଁଛି ଯେ ଚାହିଁଛି
ସେହିଦିନୁ ଏକା ଏକା ଆକାଶକୁ ।

ନା ଧରିପାରୁଛି ତମ ଡେଣାକୁ
ନା ଦେଖିପାରୁଛି ତମ ଚିତ୍ରକୁ
ନା ଶୁଣିପାରୁଛି ତମ ମଧୁର ଗୀତକୁ
ହାଏ..
କେତେ ନିଷ୍ଠୁର ତମେ ସତେ !!
ଆଉ କେତେ ନିଷ୍ଠୁର ଏ ସମୟ !!

*–ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ,*
*ବଡ଼ବିଲ,କେନ୍ଦୁଝର*



# ଅମାନିଆ ଦିଲ୍


ଶିବାନୀ-ସ୍ୱରାଜ

ସତରେ, ଦିଲ୍ ବା ହୃଦୟ ବଡ ଅମାନିଆ, ନୁହେଁ ? ସତେଯେମିତି କୌଣସି କଥା ବୁଝିବାକୁ ନାରାଜ। ଥରେ କାହାକୁ ହୃଦୟରେ ସ୍ଥାନ ଦେଇଦେଲେ ତାକୁ ଦୂରେଇ ଦେବା ଏତେ ସହଜ ନୁହେଁ। ଠିକ୍ ସେମିତି ଜଣେ ଯୁବକର ଦିଲ୍ ଜଣେ ସୁନ୍ଦରୀ ମନରେ ବସା ବାନ୍ଧିଛି। ତା' ମନରେ ଉଙ୍କି ମାରିଛି ଅନେକ ସ୍ୱପ୍ନ। ହେଲେ ପ୍ରେମର ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ନୁହେଁ। ଏହି ସମୟରେ ତାକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଛି। ତେବେ ତା' ଭିତରେ ପ୍ରେମର ଉତ୍‌ଥାନ ପତନ ରାସ୍ତାକୁ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ଶୁଟିଂ ଶେଷ ହୋଇଛି। ଲକ୍‌ଡାଉନ୍ ପରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଚୁଲବୁଲି ଶିବାନୀ। 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। 'ଏପରି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ଏବଂ ଦର୍ଶକ ଏହି ଫିଲ୍ମରୁ ଡିଫରେଣ୍ଟ ଚାର୍ମ ପାଇବେ ବୋଲି କହନ୍ତି ଶ୍ରୀଧର। ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ.କେ. ମୁରଲୀଧରନ୍। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ (ଚଣ୍ଡି ପରିଜା)।


ବରୁଣ-ଜାହ୍ନବୀ

# ଅଡୁଆ କରୁଛି ଡେଟ୍

ଫିଲ୍ମର ଶୁଟିଂ ନ ହେଉଣୁ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ବିଶେଷଭାବରେ ବଲିଉଡ୍‌ର ୟଙ୍ଗ ସେନ୍‌ସେସନ ବରୁଣ ଧାଓ୍ୱନଙ୍କୁ ନେଇ ଅଧିକ ଚର୍ଚ୍ଚା। କାରଣ ଏଥିରେ ସେ ଏକ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଜାହ୍ନବୀ କପୁର। ହେଲେ ଏସବୁ ଭିତରେ କେଁ ପଶିଯାଇଛି। ତାହା କ'ଣ ପାଇଁ ଜାଣନ୍ତି ? ଡେଟ୍ ପାଇଁ। କେବଳ ବରୁଣ ନୁହନ୍ତି, ଜାହ୍ନବୀଙ୍କ ପାଖରେ କିଛି ମାସ ପାଇଁ ଡେଟ୍ ନାହିଁ। ତେଣୁ ଏହାକୁ ନେଇ ଅଡୁଆରେ ପଡିଯାଇଛନ୍ତି ନିର୍ଦ୍ଦେଶକ ଶଶାଙ୍କ ଖୈତାନ୍। ତେଣୁ ଫିଲ୍ମର ଫାଇନାଲ ଶୁଟିଂ ସିଡ୍ୟୁଲ ପ୍ରସ୍ତୁତ କରାଯାଇପାରୁନାହିଁ। ଏହାପୂର୍ବରୁ ଶ୍ରୀରାମ ରାଘବନ ନିର୍ମାଣ କରିବାକୁ ଯାଉଥିବା ଏକ ବାୟୋପିକ୍ (ଅରୁଣ କ୍ଷେତ୍ରପାଳଙ୍କ ଜୀବନୀକୁ ନେଇ)ର ମେଲ୍ ଲିଡ୍‌ରେ ବରୁଣ ଅଭିନୟ କରିବେ। ଏହାବ୍ୟତୀତ ଡେଭିଡ୍ ଧାଓ୍ୱନଙ୍କ ରିମେକ ଫିଲ୍ମ 'କୁଲି ନଂ ଓ୍ୱାନ'କୁ ନେଇ ବ୍ୟସ୍ତ ଅଛନ୍ତି ସେ। ଅନ୍ୟପକ୍ଷରେ 'ଗୁଞ୍ଜନ ସକ୍‌ସେନା : ଦ କାରଗିଲ୍ ଗର୍ଲ'ର ପ୍ରମୋରେ ବ୍ୟସ୍ତ ଅଛନ୍ତି ଜାହ୍ନବୀ। ପୁଣି ଲକ୍‌ଡାଉନ୍ ଉଠିବା ପରେ ସେ ଅଭିନୟ କରିବାକୁ ଯାଉଥିବା କରନ ଜୋହରଙ୍କ 'ତଖ୍‌ତ'ର ମାରାଥନ ଶୁଟିଂ ଆରମ୍ଭ ହୋଇଯିବ। ତେଣୁ ଏସବୁ ଭିତରେ କେବଳ ବରୁଣ ନୁହନ୍ତି ଜାହ୍ନବୀ ମଧ୍ୟ 'ମିଷ୍ଟର ଲେଲେ' ପାଇଁ କେବେ ଡେଟ୍ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଅପେକ୍ଷାର ଫଳ ମିଠା

କରୋନା ମହାମାରୀ ପାଇଁ ଆମ ଦେଶରେ ଏବେ ଲକ୍‌ଡାଉନ୍ ଚାଲିଛି। ଫଳରେ ସମସ୍ତଙ୍କୁ ଘରେ ହିଁ ରହିବାକୁ ପଡୁଛି। ତା'ସହ ସିନେମା ଶୁଟିଂ ଏପରି କି ରିଲିଜ ମଧ୍ୟ ବନ୍ଦ ରହିଛି। ଏମିତିରେ କେତେକ ପ୍ରଯୋଜକ ଏବେ ଡିଜିଟାଲ ରିଲିଜ ପାଇଁ ଅଣ୍ଟା ଭିଡିଛନ୍ତି। ଆଉ ଯା ଭିତରେ ନିଜ ଫିଲ୍ମ ପରଦା ଉପରକୁ ଆସିବା ପରେ ନିଶ୍ଚୟ ହିଟ୍ ହେବ ବୋଲି ପୂର୍ବାନୁମାନ କରିଛନ୍ତି ପରିଣିତି ଚୋପ୍ରା। କଥା କ'ଣ କି ଅର୍ଜୁନ କପୁର ଏବଂ ପରିଣିତିଙ୍କୁ ନେଇ ନିର୍ମିତ 'ସନ୍ଦୀପ ଔର ପିଙ୍କି ଫରାର୍' ଚଳିତବର୍ଷ ମାର୍ଚ୍ଚ ୨୦ରେ ରିଲିଜ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହା ସ୍ଥଗିତ ରହିଛି। ଏ ସମ୍ପର୍କରେ ପରିଣିତି କହନ୍ତି, 'ଲକ୍‌ଡାଉନ୍ ଉଠିବା ପରେ ଫିଲ୍ମ ନିଶ୍ଚୟ ରିଲିଜ ହେବ। ଆଉ ଅପେକ୍ଷାର ଫଳ ମିଠା ପରି ଏହି ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। କାରଣ ଫିଲ୍ମର ଶୁଟିଂ ସମୟରେ କେବଳ ନିର୍ଦ୍ଦେଶକ ଦିବାକର ବାନାର୍ଜୀ ନୁହନ୍ତି, ସମସ୍ତ କଳାକାର ବେଶ୍ ପରିଶ୍ରମ କରିଛନ୍ତି। ତା'ସହ ଏହାର କାହାଣୀ ଏବଂ ଉପସ୍ଥାପନା ମଧ୍ୟ ବେଶ୍ ସୁନ୍ଦର। କେବଳ ରିଲିଜ ଡେଟ୍‌କୁ ଅପେକ୍ଷା କରିବା କଥା।' ଏହି ଫିଲ୍ମରେ ଅର୍ଜୁନ-ପରିଣିତିଙ୍କ ବ୍ୟତୀତ ନିନା ଗୁପ୍ତା, ରଘୁବୀର ଯାଦବ ଏବଂ ସଞ୍ଜୀୟ ସିଂ ଅଭିନୟ କରିଛନ୍ତି।


ପରିଣିତି

# ଚୁଜି ହେଲେଣି କିଆରା

ନିଜ କ୍ୟାରିୟରକୁ ନେଇ କିଆରା କେତେ ସଚେତନ ତାହା ଦେଖିବାକୁ ମିଳିଛି। ପୁଣି ସେତିକି ନୁହେଁ, ଏଣିକି ସେ କୁଆଡେ ଆକ୍ଟିଂ କ୍ୟାରିୟରରେ ଦେଖିଚାହିଁ ପାଦ ପକାଇବେ। ଗତବର୍ଷ ସେ ଆକ୍ଟିଂ କରିଥିବା 'କବୀର ସିଂ' ଏବଂ 'ଗୁଡ୍ ନ୍ୟୁଜ୍' ଭଲ ବିଜନେସ କରିବା ପରେ ତାଙ୍କର ଖୁସି କହିଲେ ନ ସରେ। ଏ ନେଇ କିଆରା ଆଡଓ୍ୱାନୀ କହନ୍ତି, ''ଆକ୍ଟିଂ ଜୀବନରେ ଉତଥାନ-ପତନ ଲାଗି ରହିଛି। ଦିନ ଥିଲା ମୋ ଫିଲ୍ମକୁ ଦର୍ଶକ ଗ୍ରହଣ କରୁ ନ ଥିଲେ। ହେଲେ ୨୦୧୯ରେ 'କବୀର ସିଂ' ଏବଂ 'ଗୁଡ୍ ନ୍ୟୁଜ୍' ହିଟ୍ ହେବା ପରେ ମୁଁ ନିଜ କ୍ୟାରିୟରକୁ ନେଇ ଆଉ ଟିକେ ସଚେତନ ହୋଇଛି। ଏଣିକି ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ ଶହେ ଥର ଚିନ୍ତା କରିବି। ସଂଖ୍ୟା ବଢ଼ାଇବାକୁ ଏଣୁ ତେଣୁ ଗୁଡାଏ ଫିଲ୍ମ ସାଇନ୍ ନ କରି ଦେଖିଚାହିଁ ହିଁ ଭରିବି। ସାଇନ୍ କରିବା ପୂର୍ବରୁ ସେହି ସିନେମାର କାହାଣୀ ଏବଂ ମୋ ଭୂମିକାକୁ ନେଇ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି।'' ତେବେ ନିଜ କଥାରେ କିଆରା କେତେ ଦିନ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।


କିଆରା



## ମାହୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ପ୍ରଥମ ପାଦ

ଶିକ୍ଷକ-ଚନ୍ଦ୍ରରେ ପ୍ରଥମେ ପାଦ କିଏ ରଖିଥିଲେ ?
ଚିଣ୍ଟୁ- ନିଲ ଆର୍ମଷ୍ଟ୍ରଙ୍ଗ।
ଶିକ୍ଷକ- ଆଉ ଦ୍ୱିତୀୟ ପାଦ ?
ଚିଣ୍ଟୁ- ନିଲ ଆର୍ମଷ୍ଟ୍ରଙ୍ଗ ତ ଛୋଟା ନ ଥିଲେ ନା। ଦ୍ୱିତୀୟ ପାଦ ନିଶ୍ଚିତ ଭାବେ ସେ ହିଁ ପକେଇ ଥିବେ।

### ରଖିବେ

ସୁକୁଟା କରିଥିବା ନୂଆ ସେଲୁନ୍‌କୁ ମୋହନ ଶେଭିଂ ହେବାକୁ ଯାଇଥାଏ।
ସୁକୁଟା-ନିଶ ରଖିବେ ?
ମୋହନ- ହଁ।
ସୁକୁଟା ନିଶ ପୂରା କାଟି ମୋହନକୁ ଧରେଇ ଦେଇ- ହେଇଟି ଆଜ୍ଞା ନିଅନ୍ତୁ ଆପଣଙ୍କ ନିଶ। ଏବେ ଆପଣ ଏହାକୁ ଯେଉଁଠି ଚାହୁଁଛନ୍ତି ରଖନ୍ତୁ।

### ଗିଫ୍ଟ

ରାହୁଲ ରାଜ୍‌କୁ- ଆଜି ମୋ ଗର୍ଲଫ୍ରେଣ୍ଡର ବର୍ଥଡ଼େ’ ତାକୁ କ’ଣ ଗିଫ୍ଟ ଦେବି ଭାବି ପାରୁନି।
ରାଜ୍- ସେ ଦେଖିବାକୁ କେମିତି ?
ରାହୁଲ- ପୂରାପୂରି ମଡେଲ ପରି।
ରାଜ-ତା’ହେଲେ ତାକୁ ମୋ ମୋବାଇଲ ନମ୍ବର ଦେଇ ଦେ।



# ଜୀବ ପୁରୁଣା : କଥା ନୂଆ



ଲକ୍ଷ ଲକ୍ଷ ଜୀବଙ୍କୁ ନେଇ ଆମର ଏଇ ପୃଥିବୀ । ସବୁଠୁ କୌତୂହଳର ବିଷୟ କେହି କାହା ସହିତ ସମାନ ନୁହନ୍ତି । ପ୍ରତ୍ୟେକ ଜୀବ ପ୍ରତ୍ୟେକଠାରୁ ଭିନ୍ନ ଓ ସ୍ୱତନ୍ତ୍ର । ଶାରୀରିକ ଗଠନ, ଜୀବନ ଶୈଳୀ ପ୍ରତ୍ୟେକଙ୍କ ଅଲଗା । ଏତଦ୍‌ବ୍ୟତୀତ, ପ୍ରାଣୀବିଜ୍ଞାନରେ ଏମିତି କିଛି ଜୀବଙ୍କର ଦୃଷ୍ଟାନ୍ତ ଅଛି, ଯାହାଙ୍କଠାରେ ଆହୁରି ଅନେକ ପ୍ରକାରର ଭିନ୍ନତା ଭରି ରହିଛି ଯାହାକୁ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବାକୁ ପଡ଼େ ।

**କେଶରେ ତିଆରି ଗଣ୍ଡାର ଶିଙ୍ଗ :** ଗଣ୍ଡା ଗୋଟିଏ ପ୍ରାଣୀ । ଏହାକୁ ବିଲୁପ୍ତ ପ୍ରାୟ ପ୍ରାଣୀ ବୋଲି ମଧ୍ୟ ଘୋଷଣା କରାଯାଇଛି । ଏକ ତଥ୍ୟ ଅନୁଯାୟୀ, ଏବେ ଆଫ୍ରିକା ତଥା ଏସିଆର କେତେକ ଜଙ୍ଗଲରେ ଅଳ୍ପକିଛି ଗଣ୍ଡା ଦେଖିବାକୁ ମିଳୁଛନ୍ତି । ପ୍ରତ୍ୟେକେ ଜାଣନ୍ତି ଯେ, ଗଣ୍ଡା ମୁଣ୍ଡରେ ଗୋଟିଏ ଶକ୍ତ ଶିଙ୍ଗ ରହିଥାଏ । ଅବଶ୍ୟ କେତେକ ପ୍ରଜାତିର ଗଣ୍ଡାଙ୍କ ମୁଣ୍ଡରେ ଦୁଇଟି ଶିଙ୍ଗ ରହିଥିବା ଦେଖିବାକୁ ମିଳେ । ତେବେ କଥା ହେଉଛି ଗଣ୍ଡା ମୁଣ୍ଡରେ ଥିବା ଶିଙ୍ଗଟି ହିଁ ଗଣ୍ଡାକୁ ଏକ ନିଆରା ପ୍ରାଣୀର ପରିଚୟ ଦେଇଛି । ପ୍ରାଣୀ ଗବେଷକଙ୍କ ତଥ୍ୟ ଅନୁଯାୟୀ ଏହି ଶିଙ୍ଗଟି କେଉଁଥିରେ ତିଆରି ସେକଥା ଜାଣନ୍ତି ? ତାହା ତିଆରି ହୋଇଛି କେଶରୁ । ଗଣ୍ଡା ଶିଙ୍ଗରେ ରହିଛି କେରାଟିନ୍ ନାମକ ପ୍ରୋଟିନ୍ । ଉଲ୍ଲେଖଯୋଗ୍ୟ ଯେ, ଆମର ନଖ ମଧ୍ୟ କେରାଟିନ୍ ନାମକ ପ୍ରୋଟିନ୍‌କୁ ନେଇ ଗଠିତ ।

**ଶ୍ରିମ୍ପ୍‌ର ହାର୍ଟ :** ଶ୍ରିମ୍ପ୍‌କୁ ଆମେ କେତେବେଳେ କେମିତି ଚିଙ୍ଗୁଡ଼ି ବା ପ୍ରନ୍ ବୋଲି ଧରି ନେଇଥାଆନ୍ତି । ତେବେ ପ୍ରାଣୀ ବିଶେଷଜ୍ଞମାନଙ୍କ ମତରେ ଶ୍ରିମ୍ପ୍ ଓନ୍ ପ୍ରନ୍ ଭିତରେ ଅନେକ ଫରକ ରହିଛି । ଶ୍ରିମ୍ପ୍‌ର ଆନାଟୋମୀ ବା ଶାରୀରିକ ଗଠନ ପ୍ରନ୍ ଠାରୁ ଯଥେଷ୍ଟ ଭିନ୍ନ । ପ୍ରନ୍‌ର ହାର୍ଟ ତା'ର ମୁଣ୍ଡରେ ରହିଥାଏ । ମାତ୍ର ଶ୍ରିମ୍ପ୍‌ର ହାର୍ଟ ହିଁ ତାହାକୁ ଏକ ନିଆରା ପ୍ରାଣୀ ଭାବରେ ପରଚିତି ଦେଇଛି । ଗବେଷକମାନେ କହିଛନ୍ତି ଯେ, ଶ୍ରିମ୍ପ୍‌ର ହାର୍ଟଟି ତାହାର ଥୋରାକ୍ସ ନିକଟରେ ଅବସ୍ଥିତ । ଥୋରାକ୍ସଟି ମସ୍ତିଷ୍କର ଠିକ୍ ତଳ ଭାଗରେ ରହିଥାଏ । ଆଉ ଏହି ଥୋରାକ୍ସରେ ହିଁ ରହିଥାଏ ଶ୍ରିମ୍ପ୍‌ର ହାର୍ଟ ବା ହୃତପିଣ୍ଡ ।

**ତିନିବର୍ଷ ଶୋଇପାରେ ଗେଣ୍ଡା :** ଆମେ ସଭିଏ ଗେଣ୍ଡା ଦେଖିଛନ୍ତି ବା ଗେଣ୍ଡା ବିଷୟରେ ଅଳ୍ପେ ବହୁତେ ଜାଣିଛନ୍ତି । ଏହି ପ୍ରାଣୀଟିକୁ ଆଦର କରାଯାଏ କମ୍, ଘୃଣା କରାଯାଏ ବେଶି । ପ୍ରାଣୀ ବିଜ୍ଞାନରେ ଗେଣ୍ଡା ଗୋଟିଏ ଅତି ନିଆରା ପ୍ରାଣୀ । ଏହାକୁ ନିଆରା କରିଛି ଏହାର ଶୋଇବା ସମୟ । ଗବେଷକଙ୍କ ମତରେ ଏହା ଏକାଦିକ୍ରମେ ତିନିବର୍ଷ ଶୋଇ ଯାଇପାରେ । ଶୁଣିବାକୁ ହୁଏତ ଅଜବ ଲାଗୁଥାଇପାରେ । ମାତ୍ର ଏହାହିଁ ସତ୍ୟ । ଏପରି ଦୀର୍ଘକାଳୀନ ନିଦ୍ରା ପାଇଁ ମଧ୍ୟ କାରଣ ରହିଛି । ଗେଣ୍ଡା ଅତିଶୟ ଥଣ୍ଡାକୁ ସହିପାରେନା । ଯେତେବେଳେ ଥଣ୍ଡା ତା'ର ସହିବା ଶକ୍ତିଠାରୁ ଅଧିକ ବଢ଼ିଯାଏ ସେତେବେଳେ ତାହା ଏଭଳି ମହାନିଦ୍ରାକୁ ଆପଣାଏ ।

**କୋଆଲାର ଫିଙ୍ଗରପ୍ରିଣ୍ଟ :** କୋଆଲା ଭାଲୁ ପ୍ରଜାତିର କ୍ଷୁଦ୍ର ପ୍ରାଣୀ । ଏହା ଅଷ୍ଟ୍ରେଲିଆରେ ଦେଖାଯାଏ । ଅଧିକାଂଶ ସମୟ ଏହା ଗଛରେ ରହେ ଓ ଗଛରୁ ଗଛକୁ ଯାତ୍ରା କରିପାରେ । ତେବେ ଏଥିପାଇଁ କୁଆଲାକୁ ନିଆରା ପ୍ରାଣୀ ଭାବରେ ଚିହ୍ନଟ କରିନାହାନ୍ତି ପ୍ରାଣୀ ବିଶେଷଜ୍ଞମାନେ । ଏହାକୁ ନେଇ ସବୁଠୁ ବେଶି କୌତୂହଳର କଥା ହେଉଛି ଏହାର ଫିଙ୍ଗର ପ୍ରିଣ୍ଟ । ଜଣେ ମଣିଷର ଫିଙ୍ଗର ପ୍ରିଣ୍ଟ ଆଉ କୋଆଲାର ଫିଙ୍ଗରପ୍ରିଣ୍ଟ ଭିତରେ କୌଣସି ଫରକ ନ ଥାଏ । ଏହାର ଆଙ୍ଗୁଳିର ଗଠନ ମଣିଷର ଆଙ୍ଗୁଳିର ଗଠନ ସହିତ ପ୍ରାୟତଃ ସମାନ । ସେଥିଲାଗି ଅତୀତରେ ଅପରାଧୀମାନେ ଆପରାଧିକ କାର୍ଯ୍ୟକଳାପ ଲାଗି କୋଆଲାକୁ ବ୍ୟବହାର କରିଥିବା ନଜିର ରହିଛି ।

**ଦୁଇସପ୍ତାହରେ ହଜମ ହୁଏ ଖାଦ୍ୟ :** କୋଆଲା ଭଳି ସ୍ଲଥ୍ ମଧ୍ୟ ଭାଲୁ ପ୍ରଜାତିର ଏକ ଜୀବ । ଏହା ଏକ ସ୍ତନ୍ୟପାୟୀ ପ୍ରାଣୀ । ଏହାର ଚାଲି ଅତି ମନ୍ଥର । ସେଥିଲାଗି କେହି କେହି ଏହାକୁ 'ସ୍ଲଥ୍' ବଦଳରେ 'ସ୍ଲୋ' ଆନିମଲ୍ ବୋଲି କହିଥାନ୍ତି । ଦକ୍ଷିଣ ଆମେରିକା ତଥା କେନ୍ଦ୍ରିୟ ଆମେରିକାରେ ଥିବା ଟ୍ରପିକାଲ୍ ରେନ୍ ଫରେଷ୍ଟ ଆଦିରେ ଏହି ପ୍ରାଣୀଟିକୁ ବହୁଳ ମାତ୍ରାରେ ଦେଖିବାକୁ ମିଳିଥାଏ । ଏହି ପ୍ରାଣୀଟି ବିଷୟରେ ସବୁଠାରୁ ମଜାଦାର କଥା ହେଉଛି ଏହା ତା'ର ଖାଦ୍ୟ ହଜମ କରିବାକୁ ଅତିକମ୍‌ରେ ଦୁଇ ସପ୍ତାହ ସମୟ ନେଇଥାଏ । ସେତିକିନୁହେଁ ଏହା ଆଠଦିନରେ ଥରେ ମଳତ୍ୟାଗ କରେ ।

**ଜିରାଫ୍‌ର ନାହିଁ ଭୋକାଲ୍ କଡ଼ :** ପ୍ରତ୍ୟେକ ପ୍ରାଣୀଙ୍କର ଭୋକାଲ୍ କଡ଼ ଥାଏ । ସେଥିଲାଗି ମଣିଷ କଥାକହେ । ଗାଈ ହମ୍ବାରଡ଼ି ଛାଡ଼େ । ସିଂହ ଗର୍ଜନ କରେ । ମାତ୍ର ଏମିତି ଏକ ପ୍ରାଣୀ ହେଉଛି ଜିରାଫ୍ ଯାହାର ଭୋକାଲ କଡ଼ ନ ଥାଏ । ତେଣୁ ଜିରାଫ୍‌ର ସ୍ୱରକୁ ଆଜିଯାଏ କେହି ବି ଶୁଣି ନାହାନ୍ତି । ଏହି ପ୍ରାଣୀଟି ସାରା ଜୀବନ ପାଟି ବନ୍ଦରଖି ନୀରବରେ ବିତେଇଥାଏ । କେବଳ କେତେବେଳେ କେମିତି ଛିଙ୍କିବା ଭଳି ଶବ୍ଦକରେ ନ ହେଲେ ଜୋରରେ ନିଃଶ୍ୱାସ ମାରିବା ଭଳି ଶବ୍ଦ କରେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତ୍ୟେକ ପ୍ରାଣୀର ଭୋକାଲ୍ କଡ଼ ରହିବା ସହିତ ଏକ ଭୋକାଲ୍ ବକ୍ସ ମଧ୍ୟ ଥାଏ । ଏହାକୁ ପ୍ରାଣୀବିଜ୍ଞାନ ଭାଷାରେ କୁହାଯାଏ ଲାରିଙ୍କ୍‌ସ ।

**ବାନ୍ତି କରେନା ବେଙ୍ଗ :** ବେଙ୍ଗ ଗୋଟିଏ ପ୍ରାଣୀ ଯାହା ସହିତ ସମସ୍ତେ ପରିଚିତ । ଏହା ଉଭୟ ଜଳରେ ତଥା ସ୍ଥଳରେ ବାସ କରିପାରେ । ଏହାର ଆଉ ଏକ ବଡ଼ ବିଶେଷତା ହେଉଛି ଏହା ଗ୍ରୀଷ୍ମକାଳରେ ଗ୍ରୀଷ୍ମଶୟନ ଓ ଶୀତ କାଳରେ ହିମଶୟନ କରିପାରେ । ବେଙ୍ଗର ଏସବୁ କଥା ଆମେ ସଭିଏ ଜାଣନ୍ତି । ତେବେ ଏହାର ଆଉ ଏକ ଅବିଲକ୍ଷଣ କଥା ପ୍ରାଣୀ ବିଶେଷଜ୍ଞମାନେ ବ୍ୟକ୍ତ କରିଛନ୍ତି । ତାହା ହେଉଛି ଗୋଟିଏ ବେଙ୍ଗ ତା'ର ଜୀବନକାଳ ମଧ୍ୟରେ କେବେ ବି ବାନ୍ତି କରେନା । ଆଉ ଯଦି କେବେ ବାନ୍ତି କରେ ତା'ହେଲେ ତା'ର ସମସ୍ତ ପାକସ୍ଥଳୀ ବାନ୍ତି ଭାବରେ ବାହାରକୁ ବାହାରିଆସେ ।















# କାଗଜ ଚଢ଼େଇ

ଏହିସବୁ ସୁନ୍ଦର ଚଢେଇ ଦେଖି ବହୁତ ଖୁସି ଲାଗୁଥିବ। ଇଚ୍ଛା ହେଉଥିବ ସେଥିରୁ ଗୋଟିଏକୁ ଆଣି ନିଜ ଘରେ ରଖିବାକୁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏସବୁ ବାସ୍ତବ ନୁହେଁ ବରଂ କାଗଜ ତିଆରି ନିର୍ଜୀବ ଚଢ଼େଇ ଅଟେ। କଲମ୍ବିଆର କଳାକାର ଡାଏନା ବେଲଟ୍ରାନ୍ ହରେରା ଏହିସବୁ ଚଢେଇ ତିଆରି କରିଛନ୍ତି। ପିଲାଟି ଦିନରୁ ତାଙ୍କର ଚଢେଇ ପ୍ରତି ଥିଲା ଅହେତୁକ ଭଲ ପାଇବା। ତେବେ ୭ ବର୍ଷ ତଳେ ଏହି ଭଲ ପାଇବାକୁ ସେ କାଗଜ କାରିଗରୀର ରୂପ ଦେବାକୁ ଚେଷ୍ଟା କରିଥିଲେ। ଆଉ ସେ ଏହାକୁ ବେଶ୍ ନିଖୁଣଭାବେ କରିବାରେ ସକ୍ଷମ ହେଲେ। ତାଙ୍କ କାଗଜ କାରିଗରୀକୁ ଦେଖିଲେ ଲାଗେ ଏସବୁ ସତସତିକା ଚଢେଇ ପରି। ଛୋଟ ଛୋଟ ରଙ୍ଗିନ କାଗଜକୁ ବେଶ୍ ସତର୍କତାର ସହ ସେ ଏଭଳି ଯୋଡନ୍ତି ଯେ, ତାହା ଏକ ଥ୍ରୀଡି କାରିଗରୀ ପାଲଟିଯାଏ। ବର୍ତ୍ତମାନ ସେ ୧୦୦ରୁ ଊର୍ଦ୍ଧ୍ୱ କାଗଜ ଚଢେଇ କରିସାରିଛନ୍ତି।

# ଚାଉଳ ଏଟିଏମ୍



କରୋନା ପାଇଁ ଏବେ ପୃଥିବୀର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ୍ ସ୍ଥିତି। ଜୀବନ ରକ୍ଷା ପାଇଁ ଘରେ ଆବଦ୍ଧ ହୋଇ ରହିବାକୁ ମଣିଷ ବାଧ ହେଉଛି। ଧନୀଙ୍କ ଜୀବନଶୈଳୀ ଯଦିଓ ବିଶେଷ ପ୍ରଭାବିତ ହୋଇନାହିଁ, ହେଲେ ଖଟିଖିଆଙ୍କ ସ୍ଥିତି କହିଲେ ନ ସରେ। ଦିନକୁ ଦୁଇଓଳି ଦୁଇମୁଠା ଖାଇବା ଯୋଗାଡ କରିବା ମୁସ୍କିଲ ହୋଇଯାଉଛି। ଏଭଳି ସ୍ଥିତି ଅନେକ ଜାଗାରେ ଦେଖିବାକୁ ମିଳୁଛି। ତେବେ ଭିଏତ୍‌ନାମର କିଛି ସ୍ଥାନରେ ଦେଖିବାକୁ ମିଳୁଛି ଏକ ସ୍ୱତନ୍ତ୍ର ଏଟିଏମ୍। ଏଠାକାର ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ଏହା ସ୍ଥାପନ କରାଯାଇଛି। ଏହା ହେଉଛି ଚାଉଳ ଏଟିଏମ୍। ଉକ୍ତ ଏଟିଏମ୍‌ରୁ ଗୋଟିଏ ଥରରେ ୧.୫ କି.ଗ୍ରା. ଚାଉଳ ବାହାରିଥାଏ। ଲୋକଙ୍କୁ ଦାନା ଦେଉଥିବା ଏହି ଏଟିଏମ୍ ୨୪ ଘଣ୍ଟା ଚାଲିଥାଏ। ଯଦ୍ୱାରା ଗରିବ ଲୋକ ଯେ କୌଣସି ସମୟରେ ଚାଉଳ ନେଇପାରିବେ। ଭିଏତ୍‌ନାମର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଏହି ଚାଉଳ ଏଟିଏମ୍ ଏଠାକାର ସରକାର ସ୍ଥାପିତ କରିନାହାନ୍ତି। ବରଂ ଜଣେ ସ୍ଥାନୀୟ ବ୍ୟବସାୟୀ ଅସହାୟ ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ କରିଛନ୍ତି। ଭିଏତନାମର ହନୋଇ, ହ୍ୟୁ ଓ ଦାନଙ୍ଗ ପରି ବଡ଼ ସହରରେ ବି ଏହା ଲଗାଯାଇଛି, ଯେମିତି କି କେହି ଭୋକରେ ଶୋଇବେ ନାହିଁ। ସୂଚନାଯୋଗ୍ୟ ଯେ, ଭିଏତ୍‌ନାମରେ ବହୁତ କମ୍ ଲୋକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତଥାପି ଏଠାକାର ସରକାର କୌଣସି ରିସ୍କ ନ ନେବା ପାଇଁ ଲକ୍‌ଡାଉନ୍ ଜାରି କରିଛନ୍ତି।



## ବ୍ୟାକ୍ ପେଜ୍



# ଭାସମାନ ହୋଟେଲ

ସ୍ୱିଡେନ୍‌ର ଲାପଲାଣ୍ଡ କ୍ଷେତ୍ରର ଲ୍ୟୁଲ ନଦୀରେ ଅଛି ଏକ ଭାସମାନ ହୋଟେଲ ଓ ସ୍ପା, ଯାହା ଆର୍କଟିକ୍ ବାଥ୍ ନାମରେ ପରିଚିତ। ଏହାର ଆକର୍ଷଣ ଏମିତି ଯେ, ଏକ ବର୍ଷ ଆଗରୁ ଏଠାରେ ବୁକିଂ କରିବାକୁ ହୁଏ। ଚଢେଇ ବସା ପରି ଲାଗୁଥିବା ଏହି ହୋଟେଲର ବିଶେଷତ୍ୱ ହେଉଛି ଯେ, ଗ୍ରୀଷ୍ମଋତୁରେ ଉକ୍ତ ହୋଟେଲ ନଦୀରେ ଭାସମାନ ଅବସ୍ଥାରେ ରହେ। ଆଉ ଶୀତଦିନେ ନଦୀ ବରଫ ପାଲଟି ଜମିଯାଏ। ଏହାସହ ହୋଟେଲ ବି ବରଫରେ ଜମିଯାଏ। ଏହା ପର୍ଯ୍ୟନ୍ତ ପହଞ୍ଚିବାକୁ କେବେ କାଠର ରାସ୍ତା ତ ଆଉ କେବେ ଡଙ୍ଗାର ବ୍ୟବହାର କରାଯାଏ। ଉକ୍ତ ହୋଟେଲରେ ୧୨ଟି ରୁମ୍ ଅଛି। ସ୍ପା ଟ୍ରିଟମେଣ୍ଟ ରୁମ୍, ଚାରୋଟି ସୌନା, ଆଉଟ୍‌ଡୋର କୋଲ୍ଡ ବାଥ୍, ଏକ ହଟ୍ ବାଥ୍ ବି ଅଛି। ଏଠାରେ ଗୋଟିଏ ଦିନର ଭଡା ୭୫ ହଜାର ଟଙ୍କା। ନେଚୁରାଲ ଫଟୋଗ୍ରାଫୀ ପାଇଁ ଏହି ଜାଗାକୁ ଲୋକେ ଆସନ୍ତି। ନର୍ଦେନ୍ ଲାଇଟ୍ସର ଅଦ୍ଭୁତ ଦୃଶ୍ୟ ବି ଏଠାରେ ଦେଖିବାକୁ ମିଳେ। ଉକ୍ତ ହୋଟେଲକୁ ବର୍ଟିଲ ହାରଷ୍ଟ୍ରମ୍ ଓ ଜୋହାନ କୋମ୍ପ୍ରୀ ଡିଜାଇନ୍ କରିଛନ୍ତି।